**Core III** **ଦ୍ୱିତୀୟ ପର୍ଯ୍ୟାୟ (Semester II)**

# ପ୍ରାଚୀନ ଓଡ଼ିଆ ସାହିତ୍ୟର ଇତିହାସ

**Course Outcome (ପାଠ୍ୟପତ୍ର ଫଳଶ୍ରୁତି):**

ଓଡ଼ିଆ ସାହିତ୍ୟର ପ୍ରାଚୀନ ଐତିହ୍ୟ ଗୌରବାବହ । ବିଶେଷତଃ ବୌଦ୍ଧ ସିଦ୍ଧାଚାର୍ଯ୍ୟମାନଙ୍କ ଚର୍ଯ୍ୟାଗୀତିକାଠାରୁ ପଞ୍ଚସଖା ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟରେ ଓଡ଼ିଶାର ଧର୍ମଧାରା, ସାମାଜିକ ଓ ସାଂସ୍କୃତିକ ପ୍ରାଣପ୍ରବାହ ତଥା ଓଡ଼ିଆ ଜାତିର ଅସ୍ମିତା ପ୍ରସ୍ଫୁଟିତ । ଏହି ପତ୍ରଟିର ଅଧ୍ୟୟନ ମାଧ୍ୟମରେ ଶିକ୍ଷାର୍ଥୀମାନେ ପ୍ରାକ୍-ସାରଳା, ସାରଳା ଓ ପଞ୍ଚସଖା ସାହିତ୍ୟର ଐତିହାସିକ ବିକାଶ ଓ ବିଶେଷତ୍ୱକୁ ଉପଲବ୍ଧି କରିପାରିବେ ।

**Unit wise Learning Outcome ( ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି):**

**୧ମ ଏକକ :** ପ୍ରାକ୍-ସାରଳା ଯୁଗର ସାହିତ୍ୟ ମୁଖ୍ୟତଃ ଧର୍ମକେନ୍ଦ୍ରିକ, ତନ୍ମଧ୍ୟରୁ ବୌଦ୍ଧଧର୍ମ ଓ ନାଥଧର୍ମ ସମ୍ପର୍କରେ ରଚିତ ସାହିତ୍ୟ ଉପରେ ଏହି ଏକକ ଧାରଣା ପ୍ରଦାନ କରିବ । ପ୍ରସଙ୍ଗକ୍ରମେ ଛାତ୍ରଛାତ୍ରୀ ତତ୍‌କାଳୀନ ସାମାଜିକ ଓ ସାହିତ୍ୟିକ ପରିଚୟ ସମ୍ପର୍କରେ ମଧ୍ୟ ଅବଗତ ହୋଇପାରିବେ ।

**୨ୟ ଏକକ :** ମହାକବି ସାରଳା ଦାସଙ୍କ ସାହିତ୍ୟ ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ଜୀବନର ବୈଶିଷ୍ଟ୍ୟ ବହନ କରେ । ଶଂସିତ ଏକକରେ ତାହା ଉପଲବ୍ଧ ହେବ ।

**୩ୟ ଏକକ :** ପଞ୍ଚସଖା ସାହିତ୍ୟିକଙ୍କ ମଧ୍ୟରୁ ବଳରାମ ଦାସ ଓ ଜଗନ୍ନାଥ ଦାସଙ୍କ ଭୂମିକା ଅଗ୍ରଗଣ୍ୟ । ଏହି ଦୁଇ ସାହିତ୍ୟ ସାଧକଙ୍କ ସମ୍ପର୍କରେ ଏହି ଏକକର ଅଧ୍ୟୟନ ଉପାଦେୟ ହେବ ।

**୪ର୍ଥ ଏକକ :** ଅଚ୍ୟୁତାନନ୍ଦ, ଯଶୋବନ୍ତ ଓ ଶିଶୁ ଅନନ୍ତଙ୍କ ସାରସ୍ୱତ ସୃଷ୍ଟିର ମହତ୍ତ୍ୱ ଏହି ଏକକରୁ ମିଳି ପାରିବ।

# ପାଠ୍ୟ ବିଷୟ

**୧ମ ଏକକ :** ପ୍ରାକ୍‌ସାରଳା ସାହିତ୍ୟ : ଚଯ୍ୟାଗୀତିକା ଓ ନାଥ ସାହିତ୍ୟ

(ସାମାଜିକ, ସାହିତ୍ୟିକ, ଧାର୍ମିକ ମୂଲ୍ୟାୟନ)

**୨ୟ ଏକକ :** ସାରଳା ସାହିତ୍ୟ

(ସାମାଜିକ, ଐତିହାସିକ, ସାଂସ୍କୃତିକ ଓ ସାହିତ୍ୟିକ ମୂଲ୍ୟ)

**୩ୟ ଏକକ :** ପଂଚସଖା ସାହିତ୍ୟ : ବଳରାମ ଦାସ ଓ ଜଗନ୍ନାଥ ଦାସ (ବିଶେଷ ଅଧ୍ୟୟନ)

**୪ର୍ଥ ଏକକ :** ପଂଚସଖା ସାହିତ୍ୟ : ଅନନ୍ତ ଦାସ, ଯଶୋବନ୍ତ ଦାସ ଓ ଅଚ୍ୟୁତାନନ୍ଦ ଦାସ (ବିଶେଷ ଅଧ୍ୟୟନ)

**ସହାୟକ ଗ୍ରନ୍ଥ ସୂଚୀ (Book of references ):**


୧. ଚର୍ଯ୍ୟାଗୀତିକା- ଖଗେଶ୍ୱର ମହାପାତ୍ର, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୨. ଓଡ଼ିଶାର ନାଥ ସଂପ୍ରଦାୟ ଓ ନାଥ ସାହିତ୍ୟ – ବଂଶୀଧର ମହାନ୍ତି, ଫ୍ରେଣ୍ଡସ୍ ପବ୍ଲିଶର୍ସ . କଟକ ।

୩. ଓଡ଼ିଆ ସାହିତ୍ୟର ଇତିହାସ- ସୂର୍ଯ୍ୟ ନାରାୟଣ ଦାଶ (୧ମ, ୨ୟ ଭାଗ) ଗ୍ରନ୍ଥ ମନ୍ଦିର, କଟକ ।

୪.ଓଡ଼ିଆ ସାହିତ୍ୟର ଆଦିପର୍ବ – ସୁରେନ୍ଦ୍ର ମହାନ୍ତି, କଟକ ଷ୍ଟୁଡେଣ୍ଟ୍ ଷ୍ଟୋର, କଟକ ।

୫. ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ – ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ, ଗ୍ରନ୍ଥ ମନ୍ଦିର, କଟକ ।

୬ .ଓଡ଼ିଆ ସାହିତ୍ୟର ମଧ୍ୟପର୍ବ ଓ ଉତ୍ତର ମଧ୍ୟପର୍ବ– ସୁରେନ୍ଦ୍ର ମହାନ୍ତି, କଟକ ଷ୍ଟୁଡେଣ୍ଟ୍ ଷ୍ଟୋର, କଟକ ।

୭.ପଂଚସଖା ଓଡ଼ିଆ ସାହିତ୍ୟ- ଦେବେନ୍ଦ୍ର ମହାନ୍ତି, ଫ୍ରେଣ୍ଡସ୍ ପବ୍ଲିଶର୍ସ . କଟକ ।

୮.ଓଡ଼ିଆ ସାହିତ୍ୟର ଉନ୍ମେଷ ଓ ଉତ୍ତରଣ, ତୃତୀୟ ଭାଗ-ଦେବେନ୍ଦ୍ର ମହାନ୍ତି,ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୯. ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ – କରୁଣାକର କର, ଓଡ଼ିଶା ସାହିତ୍ୟ ଏକଡ଼େମୀ, ଭୁବନେଶ୍ୱର ।

୧୦.ସାରଳା ମହାଭାରତର ଭୂମିପର୍ବ- ଉଦୟନାଥ ସାହୁ, ଚିନ୍ମୟ ପ୍ରକାଶନ, କଟକ ।


**ନମୁନା ପ୍ରଶ୍ନ (Sample Questions) :**

୧. ଚର୍ଯାଗୀତିକାରେ କେଉଁ ଓଡ଼ିଆ କବିଙ୍କର ସର୍ବାଧିକ ଗୀତିକା ରହିଛି ? (୧ମାର୍କ ପ୍ରଶ୍ନ)

୨. ଲୁଇପାଙ୍କର ଦୁଇଗୋଟି ଗୀତିକାର ନାମ ଲେଖ । (୨ମାର୍କ ପ୍ରଶ୍ନ)

୩. ନାଥସାହିତ୍ୟକୁ ଗୋରେଖନାଥଙ୍କ ଅବଦାନ ଉଲ୍ଲେଖ କର । (୫ମାର୍କ ପ୍ରଶ୍ନ)

୪. ବଳରାମ ଦାସଙ୍କ 'ଦାଣ୍ଡି ରାମାୟଣ'ର ସାମାଜିକ ମୂଲ୍ୟ ନିର୍ଦ୍ଧାରଣ କର । (୮ ମାର୍କ ପ୍ରଶ୍ନ)